# Akashvani, Sambalpur

# SAMBALPURI NEWS BULLETIN

## 13 January 2025- 6.47- 6.52 am.

*********************************************

**ମହାକୁମ୍ଭ ୨୦୨୫ ପି.ଆଇ.ବି.**

ପୁର୍‌ଥିର୍ ସବୁନୁ ବଡ଼ ଆଧାତ୍ମିକ୍ ଆର୍ ସାଂସ୍କୃତିକ୍ ସମାଗମ୍ ମହାକୁମ୍ଭ ୨୦୨୫ ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍‌ଠାନେ ଆଏଜ୍‌ଠାନୁ ମୁଳ ହେବା । ଇ ମେଲା ଆଏବା ମାସର୍ ୨୬ ତାରିଖ୍‌ତକ୍ ଚାଲ୍‌ବା । ୪ ହଜାର୍ ହେକ୍ଟର୍ ଇଲାକା ନ ହେଉଥିବା ଇ ମେଲା ଭାରତ୍‌ର ସମୃଦ୍ଧ ସାଂସ୍କୃତିକ୍ ପରମ୍ପରା ଆର୍ ଉନ୍ନତ୍ ସାଂଗଠନିକ୍ ସାମର୍ଥ୍ୟକେ ଦର୍ଶଉଛେ । ତ୍ରିବେଣୀ ସଂଗମ୍ ନ ସାହି ସ୍ନାନ କଲେ ପାପ୍‌ମୁକ୍ତ ହେବାର୍ ସହେତେ ମୁକ୍ତି ମିଲ୍‌ସି ବଲି ବିଶ୍ୱାସ୍ ରହିଛେ । ଇଥିର୍‌ଲାଗି ମେଲାଥି ସାରା ପୁର୍‌ଥିର୍ ୪୦ କୋଟି ଶ୍ରଦ୍ଧାଳୁଙ୍କର୍ ସମାଗମ୍ ହେବା ବଲି ସୂଚ୍‌ନା ମିଲିଛେ ।

**ମହାକୁମ୍ଭ ବସ୍‌ସେବା, ଟ୍ରେନ୍‌ସେବା ପି.ଆଇ.ବି.**

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ମହାକୁମ୍ଭ ମେଲା ଲାଗି ରାଏଜୁ ଖାସ୍ ବସ୍ ସେବାକେ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ । ଆଏଜ୍‌ଠାନୁ ଇ ସବୁ ବସ୍ ଚଲାଚଲ୍ ମୁଲ୍ ହେବା । ରାଏଜର୍ ସମ୍ବଲପୁର, ଭବାନୀପାଟଣା, ପୁରୀ ଆର୍ ବ୍ରହ୍ମପୁର୍‌ନୁ ଇ ବସ୍ ଅଯୋଧ୍ୟାତକ୍ ଚାଲ୍‌ବା । ବସ୍ ସେବା ଶ୍ରଦ୍ଧାଳୁମାନ୍‌ଙ୍କର ସୁବିଧା ଲାଗି ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ । ଲାଇଭ୍ ଭେହିକିଲ୍ ଟ୍ରାକିଙ୍ଗ୍ ସିସିଟିଭି କେମ୍‌ରା, ପେନିକ୍ ବଟନ୍, ଅଗ୍ନି ସୁରକ୍ଷା ବ୍ୟବସ୍ଥା ସବୁ ରହିଛେ ।

ସେନ୍ତା କୁମ୍ଭମେଲା ଅବ୍‌ସରେ ରାଏଜୁ ପ୍ରୟାଗ୍‌ରାଜ୍‌କେ ୭ଟା ଖାସ୍ ଟ୍ରେନ୍ ଚାଲ୍‌ବା । ଇ ସବୁ ଟ୍ରେନ୍ ଭିତ୍‌ରେ ଟିଟିଲାଗଡ଼-ଟୁଣ୍ଡଲା ସ୍ପେସାଲ୍ ଟ୍ରେନ୍, ବିଶାଖାପଟ୍‌ନମ୍-ଗୋରଖ୍‌ପୁର, ଏନ୍‌ଏସ୍ ବନାରସ୍ ଟ୍ରେନ୍ ପଶ୍ଚିମ୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ଦେଇକରି ଚଲାଚଲ୍ କର୍‌ବା ବଲି ପୂର୍ବତଟ ରେଳବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୟୁରଭଞ୍ଜ ଗୋ ସମାବେଶ- ଆର୍‌ଏନ୍‌ୟୁ/ ସମ୍ବଲପୁର

ମୟୁରଭଞ୍ଜ ଠାନେ ଆଏଜ୍ ଗୋ ସମାବେଶ, ଓମ୍‌ଫେଡ୍‌କେ ବିପଣନ୍ ସାହାଜ୍ ଆର୍ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଉଦ୍‌ଘାଟିତ୍

ହେବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଉଦ୍‌ଘାଟନୀ ଉଚ୍ଛବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର୍ ସହେତେ କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କର୍ ମନ୍ତ୍ରୀମାନେ ଉପସ୍ଥିତଥ ରହେବେ ବଲି ଜନାପଡ଼ିଛେ ।

ବରଗଡ଼ ଧନୁଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର୍ ୧୦ ନମ୍ବର୍ ଦିନେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହା କଂସଙ୍କର୍ ଦରବାର୍ ନ ରାଜ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବରଗଡ଼ର ମୁକ୍ତାକାଶ ରଙ୍ଗମଂଚନ ପ୍ରଦର୍ଶିତ ଲୋକ୍‌ନାଟକ୍ ଧନୁଯାତ୍ରାର୍ ବରଗଡ଼ ମାଏଟ୍‌କେ ସାରା ପୁର୍‌ଥିନ ପରିଚିତ୍ କରେଇ ପାରିଛେ ବଲି କହିଛନ୍ । ଧନୁଯାତ୍ରା ବାଗିର୍ ବିଶ୍ୱପ୍ରସିଦ୍ଧ ମହୋତ୍ସବ୍‌ର ଡକ୍ୟୁମେଂଟେସେନ୍ ଆର୍ ଧନୁଯାତ୍ରା ବିଷେଥି ଡ୍ରାମା ଛାତ୍ରଛାତ୍ରୀମାନ୍‌ଙ୍କୁ ଶିକ୍ଷା ଦେବାର୍ ଲାଗି ନେସ୍‌ନାଲ୍ ସ୍କୁଲ୍ ଅଫ୍ ଡ୍ରାମା ସହେତେ ଅନୁବନ୍ଧିତ୍ ହେଇକରି ରାଜ୍ୟ ସରକାର ପଦକ୍ଷେପ ନେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେନ୍ତା ଆଏବା ବଛରେ ଭିତ୍‌ରେ ୧୨କୋଟି ୮୦ ଲାକ୍ଷ୍ ଟଙ୍କାଥି ଧନୁଯାତ୍ରାର୍ ଥାୟୀ ରାଜ୍‌ମହଲ୍ ନିର୍ମାଣ ଲାଗି ଡିପିଆର୍ ପ୍ରସ୍ତୁତ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ଇ ଉଧେ କହେବାର୍ ସହେତେ ଜିରା ନଦୀ ଉପ୍‌ରେ ୮୦ କୋଟି ଟଙ୍କାଥି ଗୁଟେ ଆନିକଟ୍, ୩୦ କୋଟି ଟଙ୍କାଥି ମଥୁରା ନଗରୀର୍ କେନାଲ୍‌ର୍ ସୌନ୍ଦର୍ଯ୍ୟକରନ୍ କରାଯିବା ବଲି ଘୋଷ୍‌ନା କରିଛନ୍ । କାର୍ଯ୍ୟକ୍ରମ୍‌ଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ୍ ନିହାର୍ ମହାନନ୍ଦ, ଭଟଲି ବିଧାୟକ ଇରାଶିଶ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ୍ ଗଡ଼ତିଆ, ଜିଲ୍ଲପାଲ୍ ଆର୍ ଏସ୍‌ପି ଉପସ୍ଥିତ ଥିଲେ ।

ସେନ୍ତା ୧୧ ଦିନ୍ ଧରିକରି ଚାଲିଥିବା ବରଗଡ଼ ଧନୁଯାତ୍ରା ଆଏଜ୍ ଉଦ୍‌ଯାପିତ୍ ହେବା । ଉଦ୍‌ଯାପନୀ ଉଛବ୍‌ଥି କୃଷ ବଳରାମ୍‌ଙ୍କର୍ ମଥୁରା ଭ୍ରମଣ, ଅଷ୍ଟମଲ୍ଲ ବଧ, ଶିବ ଧନୁ ଭଙ୍ଗ, କଂସ ବଧ ଆର୍ ଉଗ୍ରସେନ୍‌ଙ୍କର୍ ରାଜ୍ୟଭିଷେକ୍ ବାଗିର୍ ଦୃଶ୍ୟ ଦର୍ଶକ୍‌ମାନେ ଉପଭୋଗ୍ କର୍‌ବେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏଜ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି  ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆୟୁଷ୍ମାନ୍ ଭାରତ୍ ଏମ୍‌ଓୟୁ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମାସେ ରାଏଜେ ଆୟୁଷ୍ମାନ୍ ଭାରତ୍ ପିଏମ୍ ଜୟ ଯୋଜ୍‌ନା କାର୍ଯ୍ୟକାରୀ କରାଯିବା । ଇଥିର୍‌ଲାଗି ଆଏଜ୍ ନୂଆଦିଲ୍ଲୀଠାନେ ରାଜ୍ୟ ସରକାର ଆର୍ କେନ୍ଦ୍ର ସରକାରଙ୍କର୍ ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍‌ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ୍ ମହାଲିଙ୍ଗ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ୍‌ଦେବେ । ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ଫି ବଛର୍ ହିତାଧିକାରୀମାନଙ୍କୁ ୫ ଲାକ୍ଷ୍ ଟଙ୍କାତକ୍ ଚିକିତ୍ସା ସାହାଜ୍ ମିଳିପାର୍‌ବା । ଇ ଯୋଜ୍‌ନା ଜରିଏ ୫୫ କୋଟି ଗରିବ ହିତାଧିକାରୀ ୨୭ ଶହ ହାସ୍‌ପାତାଲ ନ ଚିକିତ୍ସା ସୁବିଧା

ପାଇପାର୍‌ବେ । ଯୋଜ୍‌ନା ଲାଗୁ ହେବାର୍ ଉତ୍‌ରୁ ରାଏଜର୍ ସାଢ଼େ ୩କୋଟି ଲୁକ୍‌କୁ ସ୍ୱାସ୍ଥ୍ୟକାର୍ଡ ବଂଟାଯିବା ବଲି ସୂଚ୍‌ନା ମିଲିଛେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ତାମିଲନାଡୁ ଡ୍ରାଗନ୍ସ ଆଉ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଲ୍ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା । ଗଲକାଏଲ ହାଇଦ୍ରାବାଦ ତୋଫାନ୍ସ ୫-୧ ଗୋଲ୍‌ଥି ବେଦାନ୍ତ କଳିଙ୍ଗ ଲାନ୍‌ସର୍ସକେ ହରେଇଛେ । ସେନ୍ତା ରାଂଚିଠାନେ ହେଇଥିବା ମହିଲା ହକି ଇଣ୍ଡିଆ ଲିଗ୍‌ର ଉଦ୍‌ଘାଟନୀ ମେଚ୍‌ଥି ଓଡ଼ିଶା ୱାରିଅର୍ ଦଲ୍ ଦିଲ୍ଲୀ ଏସ୍‌ଜି ପାଇପର୍ସକେ ୪-୦ ଗୋଲ୍‌ଥି ହରେଇଛେ ।

ପାଣିପାଗ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨ ଦିନ୍ ଭିତ୍ରେ  ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍ବା ଆର୍ ଶୀତ୍ର ପ୍ରକୋପ କମ୍ବା । ତାର୍ ଉତ୍ରୁ ଶୀତ୍ ଫେର୍ଘାଏ କମ୍ବା । ସେଆଢ଼େ ରାଜ୍ୟର୍ କେତେଟା ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।